ଫସଲ ସ୍ୱାସ୍ଥ୍ୟ ପରିଚାଳନା:

୧. ବୃଷ୍ଟି ପୁଷ୍ଟ ଆନ୍ଚଳରେ ଡେରିରେ ହେଉଥିବା କପା କିସମ ବା ସଙ୍କର ଜାତୀୟ କିସମକୁ ଜଳ ସେଚନ ର ସୁବିଧା ନ ଥିଲେ ଚାଷ କରନ୍ତୁ ନାହି. ଶୀଘ୍ର ଅମଳ ହଏଉଥିବା କିସମ ମାଟିରେ ଥିବା ଜଳୀୟ ଆନ୍ଶ କୁ ଫୁଲ ଓ ଫଳ ଧରିବା ସମୟରେ ଯଥେଷ୍ଟ ପରିମାନରେ ଉପଯୋଗ କରିଥାଏ.ଓ ଏହା ଦ୍ୱାର କଢ ଓ ଫୁଲ ଧରିବା ସମୟରେ ବକରା ବିନ୍ଧା ପୋକର ପ୍ରଦୁର୍ଯ୍ଭାବ ଦେଖାୟାଏ ନାହି. ସଘନ କପା ଚାଷ ପଦ୍ଧତିରେ ସିଘ୍ର ଆମଳ ହଏଉଥିବା କିସମ ୧୪୦ ରୁ ୧୬୦ ଦିନ ମଧ୍ୟରେ ଅମଳ ହୋଇଥାଏ.

୨. ବୃଷ୍ଟି ପୁଷ୍ଟ ଅନ୍ଚଳରେ ମୌସୁମୀ ସକ୍ରିୟ ପରେ ପ୍ରଥମ ଥର ପାଇ ୮୦ ରୁ ୧୦୦ ମି.ମି ବର୍ଷା ହେଲେ ବୁଣିବା କାମ ସିଘ୍ରା ସରିବା ଉଚିତ.

୩.ବୃଷ୍ଟି ପୁଷ୍ଟ ଅନ୍ଚଳରେ ସଘନ କପା ଚାଷ ପଦ୍ଧତିରେ ଚାଷ କଲେ ହୁଡା କରି ମଞ୍ଜି ବୁଣିବା ଉଚିତ.

୪. ସଙ୍କର ଜାତୀୟ ବି.ଟି. କପା କୁ ୯୦ * ୩୦ ସେ.ମି ବ୍ୟବଧାନରେ ଜଳ ସେଚନ ର ସୁବିଧା ଥିବା ଜଗାରେ ଚାଷ କରଯିବା ଉଚିତ.

୫. ସିଘ୍ର ଅମଳ ହେଉଥିବା ଅଣ ବି.ଟି. କିସମ ଗୁଡିକ ହେଲା ସୁରଜ,ଏନ.ଏଚ. ୬୧୫ (ଭି.ଏନ-ଏମ.ଏ.ୟୁ ପର୍ଭାଣୀ), ଏ.କେ.ଏଚ.୦୮୧ (ଡ.ପି.ଦି.କେ.ଭି. ଅକୋଲା),ଫୁଲେ ଧନ୍ୱନ୍ତ୍ରି (ଏମ.ପି.କେ.ଭି.ରହୁରି), ଓ ଅଞ୍ଜଲି (ଏଲ.ଆର.କେ.୫୧୬) , ଏହି କିସମ ଗୁଦିକୁ ଜୁନେ ୧୫ ପୁର୍ବରୁ ସଘନ କପା ଚାଷ ପଦ୍ଧତିରେ ୬୦*୧୦ ସେ.ମି (୪୫* ୧୦ ଫୁଲେ ଧନ୍ୱନ୍ତ୍ରି) ବ୍ୟବଧାନରେ ବୁଣିଲେ କପା ଫସଲ ରେ ଜଳାଭାବ ଚାପ ଓ ବକରାବିନ୍ଧା ପୋକର ପ୍ରଦ୍ୟୁର୍ଭାବ ଦେଖାଯିବ ନାହି.

୬. ସଘନ ପଦ୍ଧତିରେ ଅଣ ବି.ଟି କପା କିସମ ମଝିରେ ଅନ୍ତ ଫସଲ କୁ ୯୦* ୧୦ ସେ.ମି. ବ୍ୟବଧାନରେ ଲଗାଇବା ଉଚିତ. ଅଣ ବି.ଟି ଓ ଭି.ଟି କିସମାରେ ଅନ୍ତ ଫସଲ ହିସାବରେ ସୋୟବିନ, ଗୁଆର,ବିରି ଓ ଝୁଡଙ୍ଗ ( ସୋୟବିନ ମଞ୍ଜି କୁ ରାଇଜୋବିୟମ କିମ୍ଵା ବ୍ରାଡି ରାଇଜୋବିୟମ ଦ୍ୱାର ବିହନ ବିଶୋଧନ କରାଯିବା ଆବଶ୍ୟକ) କୁ ଦୁଇ ଧାଡି ବ୍ୟବଧାନରେ କପା ଗଛ ମଝିରେ ଲଗାନ୍ତୁ.

୭.କପା ଜମିର ସୀ୍ମାନ୍ତରେ (୨ ରୁ ୩ ଧାଡି) ହରଡ ,ବାଜରା,ମକା କିମ୍ଵା ଜଆର କୁ ଲଗାଇଲେ ଶୋସକ ପୋକକୁ ନିୟନ୍ତ୍ରଣ କରାଯାଇପାରିବ.ଏହାଦ୍ୱାର ଆମେରିକୀୟ ବକରା ବିନ୍ଧା ପୋକକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ.

୮.ପ୍ରଥମ ବର୍ଷା ପରେ ଗୋବର ଖତ କୁ ୫ ରୁ ୧୦ ଟନ /ହେକ୍ଟର ପ୍ରୟୋଗ କରାଯିବା ଉଚିତ.

୯. ପୋଷକ ତତ୍ୱ ର ବିବନ୍ଧନ ପାଇ ଆଜୋଟୋବ୍ୟାକ୍ଟର ବା ଫସ୍ଫେଟ ସଲ୍ୟୁବିଲାଇଜିଙ୍ଗ ବ୍ୟାକ୍ଟେରିୟା (ପି.ଏସ.ବି) ୨୫ ଗ୍ରାମ ପ୍ରତି ୧ କି.ଗ୍ରା ବ୍ୟବହାର କରାଯିବା ଉଚିତ.

୧୦.ମାଟି ପରୀକ୍ଷ୍ୟା ପରେ ରଜ୍ୟରେ ଥିବା କୃଷି ବିସ୍ୱବିଦ୍ୟାଳୟ ର ପରାମର୍ଶ ରେ ଅନୁମୋଦିତ ଯବକ୍ଷାରଜାନ, ଫସ୍ଫରସ ଓ ପୋଟାସିୟମ କୁ ବ୍ୟବହାର କରାଯିବା ଦରକାର.

୧୧.କପା ଗଛ ୯୦ ଦିନର ହଏଗଲେ ଅଣୁ ସାର ହିସାବରେ ୧% ମ୍ୟାଗ୍ନେସିୟମ ସଲ୍ଫେଟ, ୨% ୟୁରିଆ, ୦.୫ % ଜିଙ୍କ ସଲ୍ଫେଟଓ ୦.୨ % ବୋରନ କୁ ୧୫ ଦିନ ଅନ୍ତରରେ ଦୁଇ ଥର ପତ୍ର ସିନ୍ଚନ କରନ୍ତୁ.ଓ ଏହ ବ୍ୟତୀତ କ୍ରାଏ ୧ ପ୍ରୋଟିନ ର ଉଚିତ ପରିଲଖଣ ଓ ପତ୍ର ରେ ନାଲି ଦାଗର ନିରକରଣ ପାଇ ୨% ଡି.ଏ.ପି କୁ ବ୍ୟବହାର କରନ୍ତୁ.

୧୨.ଗଛ ହ୍ଵାର ଅଲ୍ପ ଦିନରେ ଯଦି ଝାଉଳ ବା ମୂଳସ୍ଢ଼ା ରୋଗରେ ଆକ୍ରାନ୍ତ ହୁଏ ତା ହେଲେ ୧% ବାଭିଷ୍ଟିନ କୁ ମାଟି ଉପରେ ସିଞ୍ଚନ କରନ୍ତୁ.

୧୩.କଢ ଓ ଫୁଲ ନ ଝଡିବା ପାଇ ପ୍ଲାନ୍ଟିକ୍ସ୍ ୪.୫ ଏସ,ଏଲ (ଏନ.ଏ.ଏ.) ହର୍ମୋନ କୁ ୨୧ ପି.ପି.ଏମ (୭ ମି.ଲି. ପ୍ରତି ୧୫ ଲିଟର ପାଣି) ହିସାବରେ ସିଞ୍ଚନ କରନ୍ତୁ.

## ରୋଗ ପରିଚାଳନା

**ଝାଉଳା ରୋଗ/ ମୂଳ ସଢା ରୋଗ:-** ଜମିରେ ଜଳାଭାବ ପରେ ବର୍ଷା ହେଲେ କିମ୍ଵା ଜଳସେଚନ କଲେ ଏହି ରୋଗର ଲଖଣ ପରିଲଖିତ ହୁଏ. ଏହି ରୋଗ୍ରର ନିରାକରଣ ପାଇ କୋବାଲ୍ଟ କ୍ଲୋରାଇଡ କୁ ୧୦ ଗ୍ରାମ ପ୍ରତି ୧ ଲିଟର ପାଣିରେ (୧୦ ପି.ପି.ଏମ) ମିଶାଇ ଆକ୍ରାନ୍ତ ଗଛ ରେ ସିଞ୍ଚନ କରନ୍ତୁ କିମ୍ଵା ୨୫ ଗ୍ରାମ କପର ଅକ୍ସି କ୍ଲୋରାଇଡ ଓ ୨୦୦ ଗ୍ରାମ ୟୁରିଆ କିମ୍ଵା କର୍ବେଣ୍ଡାଜିମ କୁ ୧ ଲିଟର ପାଣିରେ ମିଶାଇ ମାଟି ଉପରେ ସିଞ୍ଚନ କରନ୍ତୁ.

**ବକରା ସଢା ରୋଗ:** ଗଚ ନିମ୍ନ ଭାଗରେ ସିଧ୍ର ହୋଏଥିବା ବକାରା ଗିଡିକ ରେ ଏହି ରୋଗ ସଧାରଣତ ଝିପିଝିପି ବର୍ଷା କିମ୍ଵା ମେଘୁଆ ପଗରୁ ହେଇଥାଏ.

ଏହି ରୋଗର ନିରାକରଣ ପାଇ ମେନ୍କୋଜେବ ୭୫ ଡବ୍ଲୁ.ପି +କ୍ଲୋରୋଥାଲୋନିଲ ୭୦ ଡବ୍ଲୁ.ପି କୁ ୨୫ ଗ୍ରାମ ହିସାଅରେ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ. ଏହା ଛଡା  ୧୦ଗ୍ରାମ ସେଲ୍ଲେଟ ୯୯ କିମ୍ଵା ୫୦ ମି.ଲି. ଟ୍ରିଟନ କୁ ୧୦୦ ଲିଟର ଫିମ୍ପି ଜନିତ ଦ୍ରବଣ ରେ ମିସାଇ ପ୍ରୟୋଗ କରିବା ଦ୍ଵାରା ସୁଫଳ ମିଳିଥାଏ.

**ଅଲଟରନେରିଆ ପତ୍ର ସ୍ତ ପୋଡା ରୋଗ:** ଏହି ରୋଗର ନିରାକରଣ ପାଇ ମେନ୍କୋଜେବ  କୁ ୨.୫ ଗ୍ରାମ ହିସାବରେ ୧ ଲିଟ୍ର ପାଣିରେ ମିଶାଇ ସିଞ୍ଚନ କରନ୍ତୁ.

**ମାଇରୋଥେସିୟମ ପତ୍ର ଦାଗ/ ବୀଜଣୁ ଜନିତ ପତ୍ର ପୋଡା ରୋଗ:** ଏହି ରୋଗର ନିରାକରଣ ପାଇ ଷ୍ଟେପ୍ଟୋମାଇସିନ ସଲ୍ଫେଟ (୧୫- ୨୦ ଗ୍ରାମ/ ହେକ୍ଟର) + କପର ଅକ୍ସିକ୍ଲୋରାଇଡ (୧୫୦୦ - ୨୦୦୦ ଗ୍ରାମ/ ହେକ୍ଟର)  କୁ ୨୦୦- ୨୫୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ.

## ଘାସ ପରିଚାଳନା:

ମଇ ଦେଇ ମାଟି ଗୁନ୍ଡ କଲା ପରେ କିମ୍ଵା ଫସଲ ବୁଣିବାର ୧ରୁ ୨ ଦିନ ମଧ୍ୟରେ ଷ୍ଟମ୍ପ ୩୦ ଇ.ସି କିମ୍ଵା ବାସାଲିନ ୪୫ ଇ.ସି କୁ ୨.୫ ଲିଟର ପ୍ରତି ହେକ୍ଟର ହିସାବରେ ସିଞ୍ଚନ କରନ୍ତୁ ଯାହା ଦ୍ଵାରା ଅନେକ ପରିଂଆଣରେ ଘାସ କୁ ନିୟନ୍ତ୍ରର୍ନ କାରାଯାଇ ପାରିବ.ଘାସମାରା ଔଷଧ ଛୋଟ ବା କଅଳ ଘାସ ଉପରେ ଭଲ ପ୍ରଭାବ ପକାଇ ଥାଏ.

(ଘାସ ହେଲା ପରେ ଘାସମାରା ଔଷଧର ପ୍ରୟୋଗ ମାତ୍ରା ହେଉଛି ୫୦ ରୁ ୭୫  ଗ୍ରାମ/ ହେକ୍ଟର)

**ଘାସ**:- କ୍ଵିଜାଫପ ଇଥାଇଲ କିମ୍ଵା ଫିନୋକ୍ସାଫପ ଇଥାଇଲ କିମ୍ଵା ଫ୍ଲୁଆଜିଫପ ବ୍ୟୁଟାଇଲ

**ଏକବିଇଜ ପତ୍ରିଇ ଘାସ**: ପ୍ରୋପାକ୍ଵିଜାଲୋଫପ ଇଥାଇଲ

**ଦ୍ଵି ବିଇଜପତ୍ରୀ ଘାସ**: ପାଇରିଥାୟୋବେକ ସୋଡିୟମ.

କପା ଫସଲ ରେ ଅନ୍ତ ଫସଲ ଲଗାଏବା ଦ୍ଵାର ଘାସ ନ କମିଲେ କିମ୍ଵା ଓଦା ମାଟି ଦ୍ଵାର ଘାସ ବାଛିବା କଷ୍ଟକର ହୋଇଗଲେ ଉପରେ ଦିଆଯାଇଥିବା ଘାସମରା ଔଷଧ ବ୍ୟବହାର କରାଯାଇପାରିବ.ଘାସ ଯଦି ୧୦ରୁ ୧୫ ଦିନର ହୋଇଥାଏ ଏହି

ଘାସ୍ମରା ଔଷଧ ଗୁଡିକ ଅଧିକ ପ୍ରଭାବଶାଳୀ ହୋଇଥାଏ.କୃଷକ ମାନେ କୃଷି ବୈଗ୍ୟାନିକ ନ୍କ ପରାମର୍ଶ ଅନୁସାରେ ଘାସମରା ଔଷଧ ବ୍ୟବହାର କରିବା ଉଚିତ.

**ଜଳ ନିଷ୍କାସନ ପରିଚାଳନା:**

ଅତ୍ୟଧିକ ପାଣି କପା ଫସଲ ପାଇ ଅନିଷ୍ଟକାରୀ ଅଟେ. ଦକ୍ଷିଣ ଓ ମଧ୍ୟ ଭାରତ ରେ ଅତ୍ୟଧିକ ବର୍ଷା ଯୋଗୁ ଚାଷ ଜମିରୁ ଜଳ ନିଷ୍କାସନ କଷ୍ଟକର ହୋଇଥାଏ. କ୍ରିଷ୍ନକର୍ପାସ ମୃତ୍ତିକା କପା ଚାଷ ପାଇ ଉତ୍କୃଷ୍ଟ ଆତେ. ଯଦି କପା ଜମିରେ ଜଳ ନିଷ୍କାସନର ସୁବିଧା ନ ଥାଏ ତେବେ ଫସଲ ନଷ୍ଟ ହେବାର ମତ୍ରା ଅଧିକ ଥାଏ.ତେଣୁ ଉପଯୁକ୍ତ ପରିମାଣରେ ଜଳ ନିଷ୍କାସନ ସୁବିଧା କରିବା ଆବଶ୍ୟକ.୭୦୦ ରୁ ୯୦୦ ମି,ମି ବର୍ଷା ହେଲେ ମୃତ୍ତିକା ଝଳ ସରଖଣ ପାଇ ହୁଡା ଟେକିବା ବ୍ୟବସ୍ଥା କରାଜିବା ଆବଶ୍ୟକ. ଯାହା ଦ୍ୱାର ମୃତ୍ତିକାଅ ଝଳ ସର୍ଖଣ ରେ ସହାକ ହୋଇଥାଏ ଓ ଅତ୍ୟଧିକ ପାଣି ଜମିରୁ ନିଷ୍କାସିତ ହେବାରେ ସହାୟକ ହୋଇଥାଏ.ଜମିର ସୀମାନ୍ତରରେ ଜଳ ନିଷ୍କାସନ ର ସୁବିଧା ରହିଲେ ଜମିରେ ଥିବା ଅତ୍ୟଧିକ ପାଣି ସେହି ମାଧ୍ୟମ ଦ୍ୱାର ନିଷ୍କାସିତ ହୋଇପାରିବ.କପା ବୁଣିବା ସମୟରେ ମନ୍ଦା ବା ପୁଟ କରି ବୁଣିବା ଦ୍ୱାର ଅତ୍ୟଧିକ ବର୍ଷା ହେଲେମଧ୍ୟ କପା ଫସଲ ନଷ୍ଟ ହେବ ନାହି.ଓ ଏହା ଦ୍ୱାର ଅନାବଶ୍ୟକ ମାଅତ୍ରା ର ପାଣି ନିଷ୍କାସିତ ହୋଇ ପାରିବ.ପାଣି ଜମି ରହିବା ଦ୍ୱାର ଯଦି କପା ଗଛ ହଳଦିଆ ପଡିଯାଏ ତା ହେଲେ ଉପଯୁକ୍ତ ସାର ବ୍ୟବହାର କରନ୍ତୁ. ଅତ୍ୟଧିକ ବାର୍ଷା ହେବାର ସମ୍ଭାବନା ଥାଏ ତେବେ କୌଣସି ସାର ପ୍ରୟୋଗ କରନ୍ତୁ ନାହି ନଚେତ ବର୍ଷା ଯୋଗୁ ସବୁ ସାର ଧୋଇ ହୋଇଯିବ.

୦.୫ ରୁ ୧.୦% ଡି.ଏ.ପି କିମ୍ବା ୧୯:୧୯:୧୯ (ଯବଖାର ଜାନ ମିଶ୍ରଣ) କୁ ପ୍ରତି ସପ୍ତାହ ବ୍ୟବଧାନରେ ପତ୍ର ସିନ୍ଚନ କରିବା ଦ୍ୱାର ଅତ୍ୟଧିକ ପାଣି ଯୋଗୁ ପ୍ରଭାବିତ ହୋଇଥିବା ଗଛରା ସ୍ୱାସ୍ଥ୍ୟ ବଜାୟ ରହିବ.

**ପୋକ ପରିଚାଳନା:**

**ସଧାରଣ ସୁପାରିଶ:**

| କଣ କରିବେ | | କଣ କରିବେ ନାହି | |
|---|---|---|---|
| ୧) | **ଶୋଷକ ପୋକର ପରିଚାଳନା:** ଶୋଷକ ପୋକ ପ୍ରତିରୋଧୀ କିସମ ବା ସନ୍କର ଜାତୀୟ କିସମ ବ୍ୟବହାର କରିବା ଦ୍ୱାରା ଗଛ ହେବାର ୨ ରୁ ୩ ମାସ ପର୍ଯ୍ୟନ୍ତ କୌଣସି କୀଟନାଶକ ବ୍ୟବହାର କରିବା ଆବଶ୍ୟକ ନ ଥାଏ. ରସାୟନିକ କୀଟନାଶକ ପ୍ରୟୋଗ ଦ୍ୱାରା ପ୍ରାକୃତିକ ପରଜୀବୀ ଓ ପରଭୋଜୀ ପୋକ ଗୁଡିକ ନଷ୍ଟ ହୋ ଇଯିବା ଦ୍ୱାରା ପରିବେଶ ର ଭାରସାମ୍ୟ ନଷ୍ଟ ହୋ ଇଥାଏ ତେନୁ ବରମ୍ୱାର କୀଟନାଶକ ପ୍ରୟୋଗ କରିବାକୁ ପଡିଥାଏ. | ୧) | ଉତ୍ତର ଭାରତରେ ୧୫ ମଇ ସୁଦ୍ଧା ବୁଣିବା ଖାମ ସାରନ୍ତୁ. ଏହା ଦ୍ୱାର ଭୁତାଣୁ ଜନିତ ପତ୍ରପୋଡା ରୋଗର ବୃଦ୍ଧି ରୋକାଯାଇପାରିବ. |
| ୨) | ଅନ୍ତ ଫସଲ ହିସାବରେ ଗୁଆର/ ଝୁଡନ୍ଗ/ | ୨) | ପ୍ରଥମ ୧ରୁ ୨ ମାସ ପର୍ଯ୍ୟନ୍ତ ଯଥା ସମ୍ଭବ ରସାୟନିକ |

| | | | |
|---|---|---|---|
| | ଜୱାର/ସୋୟାବିନ/ ବିରି କୁ ଲଗାଇବା ଦ୍ଵାର ପରଭୋଜୀ ପୋକର ମତ୍ରା ବଧିବ ଯହା ଶୋଷକ ପୋକ ନିୟନ୍ତ୍ରଣ ରେ ସହାୟକ ହୋଇଥାଏ. | | କୀଟନାଶକ ପ୍ରୟୋଗ କରନ୍ତୁ ନାହି. ଯାହା ଦ୍ଵାର ପ୍ରାକୃତିକ ପରଭୋଜୀ ଓ ପରଜୀବୀ ପୋକ ର ମତ୍ରା ବୃଦ୍ଧି ପାଇବା ସନ୍ଦେ ପ୍ରାକୃତିକ ଉପାୟରେ କେତେକ ପରିମାଣରେ ଶୋଷକ ପୋକ ହ୍ରାସ ପାଇବ.<br>ଉଦାହରଣ ସ୍ଵରୁପ: ଲେଡିବର୍ଡ ବୀଟଲ,କ୍ରାଇସୋପର୍ଲା କର୍ନିଆ,ସ୍ରିଫିଦ ମାଛି, ଜିଓକୋରିସ,ଏନାସିୟସ ପ୍ରଜାତି,ଏ ଫିଲିନସ, ମିରିଡ ପୋକ ଓ ବୁଧିଆଣୀ ଇତ୍ୟାଦି ପତ୍ରଡିଆ ପୋକ, ଜୌ ପୋକ(ପତ୍ରଖିଆ ପୋକ), ଧଳାମାଛି, ପତ୍ର ଉକୁଣୀ,ଓ ଦହିଆ ପୋକ କୁ ନିୟନ୍ତ୍ରଣ କରିଥାନ୍ତି |
| ୩) | ଇମିଡାକ୍ଲୋପ୍ରିଡ(୮ ଗ୍ରାମ), ଭିଟାଭେକ୍ସ କିମ୍ଵା ଥିରାମ ୩ ଗ୍ରାମ ପ୍ରତି ୧ କି.ଗ୍ରା. ବିହନ ବୋଶୋଧନ ରେ ବ୍ୟବହାର କଲେ ଶୋଷକପୋକ ନିୟନ୍ତ୍ରଣ ରେ ସହାୟକ ହୋଇଥାଏ. | ୩) | କପା ଫସଲରେ ଲେପିଦୋପ୍ତେରନ ଜାଅତୀୟ ପୋକ ଯଥା ପତ୍ରମୋଡା ପୋକ() ଓ ଘୋଡା ପୋକ () ଦେଖାଗଲେକୌଣସି ପ୍ରକାର କୀଟନାଶକ ବ୍ୟବହାର କରନ୍ତୁ ନାହି. ଏହି ଶୁକ ଗୁଡିକ ଅତି କମ ପରିମାଣରେ କପା ଫସଲ କୁ ନଷ୍ଟ କରିଥାଏ.କିନ୍ତୁ ଏହା ଅନ୍ୟାନ୍ୟ ପରଭୋଜୀ ପୋକ ଯଥା କ୍ରାଇସୋପର୍ଲା ଏପାଣ୍ଟିଲେସ ପ୍ରାଅଜାତି,ସିସିରୋପ ଫର୍ମୋସା,ର ହୋଷ୍ଟ ହିସାବରେ କାମ କରିଥାଏ ଯହା କି ଆମେରିକୀୟ ଓ ଅନ୍ୟାନ୍ୟ ବକରା ବିନ୍ଧା ପୋକ କୁ ନଷ୍ଟ କରିଥାଏ. |
| ୪) | ଯବଖାରଜାନ ଯୁକ୍ତ ସାର କମ ପରିମାଣରେ ବ୍ୟବହାର କରିବା ଉଚିତ ନଚେତ ଏହା ଶୋଷକ ପୋକର ପ୍ରାଦୁର୍ଭାବ ବଢାଇଥାଏ. | ୪) | ବି.ଟି ଥିବା କୌଣସି ଔଷଧ ବି.ଟି. କପାରେ ପ୍ରୟୋଗ କରନ୍ତୁ ନାହି. |
| ୫) | କପା ଜମିକୁ ଘାସମୁକ୍ତ ରଖନ୍ତୁ | ୫) | ନିଓନିକୋଟିନୋଏଡ ଜାତୀୟ କୀଟନାଶକ ଯଥା ଏସିଟାମିପ୍ରିଡ, ଇମିଡାକ୍ଲୋପ୍ରିଡ,କ୍ଲୋଥିଆନିଡିନ ଓ ଥାୟୋମିଥୋକ୍ସାମ ପ୍ରୟୋଗ କରନ୍ତୁ ନାହି ଯେହେତୁ ସଙ୍କର କିସମ ଗୁଡିକୁ ଇମିଡାକ୍ଲୋପ୍ରିଡ ସହିତ ବିହନ ବିଶୋଧନ କରିବା ସମୟରେ ବ୍ୟବହାର କରାଯାଇ ଥାଏ. |
| ୬) | ଦହିଆ ପୋକ ଲାଗିଥିବା ଗଛ କୁ ସମ୍ପୂର୍ଣ ଭାବେ | ୬) | ଡବ୍ଲୁ.ଏଚ.ଓ ଜାତୀୟ କ୍ଲାସ ୧ ( ଅଧିକ ବିଷାକ୍ତ ଜାତୀୟ) |

| | | | |
|---|---|---|---|
| | ନଷ୍ଟ କରିଦିଅନ୍ତୁ. | | କୀଟନାଶକ ଯଥା ଫସ୍ଫାମିଡନ,ମିଥାଇଲପରାଥାୟନ,ଫୋରେଟ, ମୋନୋକ୍ରୋଟୋଫସ,ଡାଇକ୍ଲୋର୍ଭସ,କର୍ବୋଫ୍ୟୁରନ,ମିଥୋମାଇଲ, ଟ୍ରାଇଜାଅଫସ,ଓ ମେଟାସିସ୍ଟକ୍ସ ବ୍ୟବହାର କରନ୍ତୁ ନାହି. |
| ୭) | ଅତି କମ ପରିମାଣରେ ଫସଲକୁ ହାନି କରୁଥିବା କୀଟ ଦମନ ପାଇ ନିମ୍ବ ଜାତୀୟ କିମ୍ବା ଜୈବକୀଟନାଶକ ବ୍ୟବହାର କରନ୍ତୁ. | ୭) | ଫସଲ ବିଣିବାର ପ୍ରଥମ ୪ ରୁ ୫ ମାସ ମଧ୍ୟରେ କୌଣସି ପାଇରିଥ୍ରଏଡ ଜାତୀୟ କୀଟନାଶକ ବ୍ୟବହାର କରନ୍ତୁ ନାହି. ଧଳାମାଛିର ଦମନ ପାଇ ମିଶ୍ରିତ କୀଟନାଶକ ପ୍ରୟୋଗ କରନ୍ତୁ ନାହି. |
| ୮) | ପାଟଳ ବକରାବିନ୍ଧା ପୋକର ଗତିବିଧି ଜାଣିବା ପାଇ ଫେରୋମୋନ ଜନ୍ତା ଲଗାନ୍ତୁ. | ୮) | ପାଟଳ ବକରାବିନ୍ଧା ପୋକର ପ୍ରଦୁର୍ଭାବ ଅଧିକ ହେଲେ ପାଐରିଥ୍ରଏଦ ଜାତୀୟ କୀଟନାଶକ କୁ ଥରେ ଓ ଐ ବେଶୀ ରେ ଦୁଇ ଥର ବ୍ୟବହାର କରନ୍ତୁ. |

**ଶୋଷକ ପୋକର ପରିଚାଳନା:**

ଯଦି ଧଳାମାଛି କିମ୍ବା ପତ୍ରଖିଆ ପୋକ ଆର୍ଥିକ ଦହେଳୀ ସୀମା ( ଗ୍ରେଡ ୨)ଅତିକ୍ରମ କରେ ଯାହା ଦ୍ୱାରା ପତ୍ର ମୋଚ ହୋଇ ପତ୍ର ଧାର ହଳଦିଆ ପଡି ୨୫% ରୁ ଅଧିକ ଗଛ ଆକ୍ରାନ୍ତ ହୁଏ ତା ହେଲେ ନିମ୍ନ ଲିଖିତ ଉପାୟ ଅବଲମ୍ବନ କରନ୍ତୁ:

୧) ନିମ୍ବ ତେଲ ୧.୦% + ନିମ୍ବ ଭିତ୍ତିକ ଔଷଧ ୫୦%+ ୦.୦୫ - ୧.୦% ସାବୁନ ଗୁନ୍ଡ କୁ ମିଶାଇ ବ୍ୟବହାର କରନ୍ତୁ.

୨) ଭର୍ଟିସିଲିୟମ ଲେକାନି ୧୦ ଗ୍ରାମ ପ୍ରତି ଲିଟର ପାଣି ରେ ମିଶାଇ ପ୍ରୟୋଗ କରନ୍ତୁ.ବିଶ୍ୱସ୍ଥନୀୟ ସୁତ୍ରରୁ ଉପଯୁକ୍ତ ଔଷଧ କିଣନ୍ତୁ.

୩) ଡାଇଫେନ୍ଥିୟୁରନ ୫୦ ଡବ୍ଲୁ.ପି ୮୦୦ଗ୍ରାମ/ ହେକ୍ଟର.

୪)ଫ୍ଲୋନିକାମିଡ ୫୦ ଦବ୍ଲୁ.ଜି ୨୦୦ଗ୍ରାମ/ ହେକ୍ଟର

୫) ବ୍ୟୁପ୍ରୋଫେଜିନ ୨୫% ଏସ.ସି ୨୦୦ଗ୍ରାମ ଏ.ଆଇ/ ହେକ୍ଟର

ପରିବେଶ ଓ ପର୍ଯାବରଣ ସୁରଖା କୁ ଧ୍ୟାନରେ ରଖି ଡାଇମିଥୋଏଟ କିମ୍ବା ଏସିଫେଟ କିମ୍ବା ଇଥିୟନ ମଧ୍ୟ ବ୍ୟବହାର କରାଯାଇ ପାରିବ.

ଯଦି ମିରିଡ ପୋକ କଢ ଗୁଡିକୁ ଅଧିକ ପରିମାଣରେ ନଷ୍ଟ କରେ ତା ହେଲେ ଏସିଫେଟ କୁ ୧ ଗ୍ରାମ ପ୍ରତି ଲିଟର ପାଣି କିମ୍ବା ଡାଇମିଥୋଏଟ କୁ ବ୍ୟବହାର କରାଯାଇପାରିବ.

## ବକରାବିନ୍ଧା ପୋକର ପରିଚାଳନା:

ବକରାବିନ୍ଧା ପୋକର ପରିଚାଳନା:

ବି.ଟି କପାକୁ ଆମେରିକୀୟ ଓ ଚିତ୍ରିତ ବକରାବିନ୍ଧା ପୋକ ନଷ୍ଟ କରିପାରେ ନାହି କିନ୍ତୁ ପାଟଳା ବକରା ବିନ୍ଧା ପୋକ କ୍ରାଏ ୧ ଏ.ସି + କ୍ରାଏ ୨ ଏ.ବି ବଲଗାର୍ଡ ୨ ପ୍ରତି ପ୍ରତିରୋଧ ଶକ୍ତି ଖୀଣ ଥିବାରୁ ଏହା ବକରା ଗୁଡିକୁ ନଷ୍ଟ କରିବାର ଖମତା ରଖିଥାଏ.ତେଣୁ ଏହାକୁ ନିୟନ୍ତ୍ରଣ କରିବା ପାଇ ଅନ୍ୟାନ୍ୟ ଉପାୟ ଅବଲମ୍ୱନ କରାଯାଇଥାଏ.

## ଅଣ ବି.ଟି କିସମରେ ବକରା ବିନ୍ଧା ପୋକର ପରିଚାଳନା ନିମନ୍ତେ କେତେକ ସୁଚନା:

ଅଣ ବି.ଟି. କପା କିସମରେ ଯଦି ଆମେରିକୀୟ ବକରା ବିନ୍ଧା ପୋକ ଆର୍ଥିକ ଦହେଲୀ ସୀମା ( ୫୦% ରୁ ଉର୍ଧ ନଷ୍ଟ ହୋଇ ଯାଇଥିବା କଢ ବା ବକରା)ଅତିକ୍ରମ କରେ ତା ହେଲେ ନିମ୍ନ ଲିଖିତ କେତୋଟି ଉପାୟ ଅବଲମ୍ୱନ କରନ୍ତୁ.

୧) ଅଣ ବି.ଟି କିସମରେ ଏଚ.ଏନ.ପି.ଭି ( ହେଲିକୋଭର୍ପା ଆର୍ମିଜେରା ନ୍ୟୁକ୍ଲିୟାର ପଲିହେଡ୍ରୋସିସ ଭାୟରସ) ପ୍ରୟୋଗ କରନ୍ତୁ. ପ୍ରତି ସପ୍ତାହ ଅନ୍ତରରେ ନିମ୍ବ ଭିତ୍ତିକ ଔଷଧ ପ୍ରୟୋଗ କରନ୍ତୁ.

୨) ଆନ ବି.ଟି କିସମରେ ଫସଲ ବୁଣିବାର ୭୦ ରୁ୮୦ ଦିନ ପରେ ଯଦି ବକରାବିନ୍ଧା ପୋକ ଦେଖାଯାଏ ତେବେ ଟ୍ରାଇକୋଗାମ ପ୍ରୟୋଗ କରନ୍ତୁ.

୩) ପାଟଳ ବକାରବିନ୍ଧା ପୋକ ଆର୍ଥିକ ଦହେଲୀ ସୀମା ଅତିକ୍ରମ କଲେ ଏହାର ନିୟନ୍ତ୍ରଣ ପାଇ ଟ୍ରାଇକୋଗାମ ବୀଜାଣୁ ଅନ୍ଡା ବ୍ୟବହାର କରାଯାଇପାରିବ

୪) ଆମେରିକୀୟ ବକରାବିନ୍ଧା ପ୍ପୋକର ନିୟନ୍ତ୍ରଣ ପାଇ ବ୍ୟବହାର ହେ ଉ ଥିବା କୀଟନାଶକ:

୧) କ୍ଲୋରନ୍ତ୍ରାନିଲିପ୍ରୋଲ ୨) ଫ୍ଲୁବେନ୍ଦିଆମାଇଡ ୩) ସ୍ପିନସେଡ ୪)ଇମାମେକ୍ଟିନ ବେନ୍ଜୋଏଟ ୫) ଇନ୍ଦୋକ୍ସାକାର୍ବ.

ଏହି କୀଟନାଶକ କେବଳ ବକରାବିନ୍ଧା ପୋକ ପାଇ ଅତ୍ୟନ୍ତ ବିଷାକ୍ତ ଅଟେ. ଏହା କପାର ଉପକାରୀ କୀଟା ଉପରେ କୌଣସି ପ୍ରଭାବ ପକାଏ ନାହି.

୫) ପାଟଳ ବକରାବିନ୍ଧା ପୋକ: ଏହି ବକରାଅ ବିନ୍ଧା ପୋକର ଆର୍ଥିକ ଦହେଲୀ ସୀମା ହେଉଛି ୧୦ ଟି ସବୁଜ ବକରା ରେ ୧ ଜୀବନ୍ତ ଶୁକ କିମ୍ୱା ୩ ଟି ସମନ୍ୱୟ ରାତିତେ ପ୍ରତି ରାତି ୮ ଟି ପ୍ରଜାପତି. ପାଟଳ ବକରାବିନ୍ଧା ପୋକର ନିୟନ୍ତ୍ରନ ପାଇ କ୍ୱିନାଲ୍ଫସ ୨୫ ଇ.ସି କିମ୍ୱା ପ୍ରୋପେନୋଫସ ୫୦ ଇ.ସି ୨ ମି.ଲି ପ୍ତରି ୧ ଲିଟର ପାଣିରେ କିମ୍ୱା ଥାୟୋଡିକାର୍ବ ୭୫ ଦବ୍ଲୁ.ପି ୨୦ ଗ୍ରାମ କିମ୍ୱା ପାୟିରିଥ୍ରିଏଡ ଜାତୀୟ କୀଟନାଶକ ବ୍ୟବହାର କରାଯାଇପାରିବ.

## କପା ଫସଲର ଅନ୍ୟାନ୍ୟ ପୋକର ପରିଚାଳନା:

୧) ପତ୍ରଖିଆ ଲେଡା ପୋକ: ଏହାର ନିୟନ୍ତ୍ରଣ ପାଇ ଏହାର ଅନ୍ଡା ଗୁଦିକୁ ସନ୍ଗ୍ରହ କରି ନଷ୍ଟ କରିଦିଅନ୍ତୁ କିମ୍ୱା ଏସ.ଏନ.ପି.ଭି. (ସ୍ପୋଡୋପ୍ଟେରା ଲିଟୁରା ନ୍ୟୁକ୍ଲୀଆର ପୋଲିହେଡ୍ରୋସିସ ଭାୟରସ) ୫୦୦ ଏଲ.ଇ/ ହ୍ଟର କିମ୍ୱ ନୋଭାଲ୍ୟୁରନ ୧୦ ଇ.ସି ୨୦ ମି.ଲି କ୍କିମ୍ୱା ୨୫୦ ଗ୍ରାମ ଥାୟୋକାର୍ବ ୭୫୦ ଦବ୍ଲୁ.ପି କୁ ୨୫୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ.

୨)କାଣ୍ଡ ବିନ୍ଧା ପୋକର ନିୟନ୍ତ୍ରଣ ପାଇ ପ୍ରୋପେନୋଫସ କୁ ୨ ମି.ଲି ହିସାବରେ ୧ ଲିଟର ପାଣିରେ ମିଶାଇ ସିନ୍ଚନ କରନ୍ତୁ.

୩) ବୃଷ୍ଟି ବହୁଳ ଆନ୍ଚଳରେ ଗେଣ୍ଡା ପ୍ରଭାବରୁ ରଖା ପାଇବା ପାଇ ଗଛ ଚାରି ପଖରେ ଥିବା ମଟିରେ ୨% ମେଟାଲ୍ଡିହାଇଡ କୁ ୧୨.୫ କି.ଗ୍ରା ପ୍ରତି ହେକ୍ଟର ହିସାବରେ ପ୍ରୟୋଗ କରନ୍ତୁ.

## ଧଳାମାଛି ର ପରିଚାଳନା:

### ୪ ଟି ମୁଖ୍ୟ ପଦକ୍ଷେପ:

| କଣ କରିବେ | କଣ କରିବେ ନାହି |
|---|---|
| ୧) ଉଚିତ ସମୟରେ ବୁଣିବା କାମ ସାରନ୍ତୁ. | ୧) ଡେରିରେ ବୁଣନ୍ତୁ ନାହି. |
| ୨) ପତ୍ର ମୋଡା ରୋଗ ପ୍ରତିରୋଧି ଥିବା ଦେଶୀ କପା କିସମ କିମ୍ଵା ସନ୍କର ଜାତୀୟ ବି.ଟି. କିସମ କୁ ଚୟନ କରନ୍ତୁ. | ୨) ପତ୍ର ମୋଡା ରୋଗ ପ୍ରତିରୋଧି ନ ଥିବା ଦେଶୀ କପା କିସମ କିମ୍ଵା ସନ୍କର ଜାତୀୟ ବି.ଟି. କିସମ କୁ ଚୟନ କରନ୍ତୁ ନାହି. |
| ୩) ଆବଶ୍ୟକ ପରିମାଣର ୟୁରିଆ ,ଫସଫରସ ଓ ପଟାସ ସାର ବ୍ୟବହାର କରନ୍ତୁ. | ୩) ଅତ୍ୟଧିକ ପରିମାଣରେ ୟୁରିଆ ସାର ପ୍ରୟୋଗ କରନ୍ତୁ ନାହି. |
| ୪)ସମନ୍ବିତ କୀତ ପରିଚାଳନା ବା ନିୟନ୍ତ୍ରଣ ପ୍ରଣାଳୀ ଅବଲମ୍ବନ କରନ୍ତୁ | ୪) ବାଛି ବିଚାରି କୀଟନାଶକ ପ୍ରୟୋଗ କରନ୍ତୁ ଯଥା ପାଇରିଥ୍ରଏଡ, ଏସିଫେଟ ଓ ମିଶ୍ରିତ କୀଟନାଶକ କୁ ଫସଲ ର ପ୍ରଥମାବସ୍ଥାରେ ବ୍ୟବହାର କଲେ ଧଳାମାଛିର ପ୍ରାଦୁର୍ଭାବ ବଢିବ. |

## ଧଳାମାଛି ପାଇ ସମନ୍ବିତ କୀଟ ନିୟନ୍ତ୍ରଣ/ ପରିଚାଳନା ପ୍ରାଣାଳୀ:

୧) ଦେଶୀ କପା କିସମକୁ ପ୍ରାଧାନ୍ୟତା ଦିଆଯିବା ଉଚିତ: ମୁଖ୍ୟତ ଦେଶୀ କପା କିସମ ରେ ଧଳାମାଛି ପ୍ରତି ପ୍ରତିରୋଧି ବା ସହନଶୀଳତା ଶକ୍ତି ରହିଥାଏ. ଏଥିରେ ପତ୍ରମୋଡା ଭୁତାଣୁ ପ୍ରତି ପ୍ରତିରୋଧ କ୍ଷମତା ରହିଥାଏ.ଯୁ ଅନ୍ଚଳରେ କପା ଫସଲ ପତ୍ରମୋଡା ରୋଗରେ ଅଧିକ ପରିମାଣରେ ଆକ୍ରାନ୍ତ ହୋଇଥାଏ ସେହି ଅନ୍ଚଳରେ ଦେଶୀ କପା କିସମକୁପ୍ରଧାନ୍ୟତା ଦିଆଯିବା ଉଚିତ.

୨) ପତ୍ରମୋଡା ରୋଗ ପ୍ରତିରୋଧି ସନ୍କର ଯାତୀୟ ବି.ଟି. କିସମକୁ ଚୟନ କରନ୍ତୁ: ସର୍ବ ଭାରତୀୟ ସନ୍ୟୋଜିତ କପା ଗବେଷଣା କେନ୍ଦ୍ର (ଏ.ଆଇ.ସି.ସି.ଆଇ.ପି.) ଆଇ.ସି.ଏ.ଆର- ସି.ଆଇ.ସି.ଆର ୨୦୧୬ ଚଳିତ ବର୍ଷ ପାଇ ପତ୍ରମୋଡା ରୋଗ ପ୍ରତିରୋଧି ଥିବା ସନ୍କର ଜାତୀୟ ବି.ଟି. କିସମର ତାଲିକା ପ୍ରସ୍ତୁତ କରିଚିଯାହାକି ଉତ୍ତର ଭାରତରେ ଥିବା ବିଭିନ୍ନ କୃଷି ବିସ୍ଵବିଦ୍ୟାଳୟ ଦ୍ଵାରା ଅନୁମୋଦିତ. ଏହି କିସମ ଗୁଡିକ ବିଷ୍ୟରେ ଅଧିକ ଜାଣିବା ପାଇ କୃଷି ବିସ୍ଵବିଦ୍ୟାଳୟ ଓ କୃଷି ସସ୍ଥାନକୁ ଯୋଗାଯୋଗ କରନ୍ତୁ.ପତ୍ରମୋଡା ଭୁତାଣି ପ୍ରତି ରୋଗ ପ୍ରତିରୋଧି କ୍ଷ୍ୟମତା ନ ଥିବା ସନ୍କର ଜାତୀୟ ବି.ଟି କିସମ କୁ ଚାଷ କରନ୍ତୁ ନାହି.

୩) ଉତ୍ତର ଭାରତରେ ମଧ୍ୟମ ସମୟରେ ଅମଳ ହେଉଥିବା ସ୍କର ଜାତୀୟ ବି.ଟି କିସମ କୁ ଚାଷ କରନ୍ତୁ: ମଧ୍ୟମ କାଳରେ ଅମଳ ହେଉଥିବା କିସମ କୁ ଚଷ କରନ୍ତୁ. ଏହା ଦ୍ଵାରା ଧଳାମାଛି ପ୍ରକୋପରୁ ରକ୍ଷା ପାଇ ପାରିବେ. ଏହା ଛଡା ଯେଉ ଅନ୍ଚଳରେ କପା ଓ ଗହମ ଫସଲ ପର୍ଯ୍ୟାୟ ହୁଏ ସେହି ଜାଗାରେ ଶୀଘ୍ର କପା କିମ୍ଵା ଗହମ ବୁଣିବା କାମ ସାରନ୍ତୁ.

୪) ଉଚିତ ସମୟରେ ବିଣନ୍ତୁ ( ୧୫ ମଇ ପୁର୍ବରୁ): ଉଚିତ ସମୟରେ ବୁଣା କାମ ସାରିବା ଦ୍ୱାରା ଧଳାମାଛି ଓ ପତ୍ରମୋଡା ରୋଗରୁ ଫସଲକୁ ବନ୍ଚିତ କରାଯାଇ ପାରିବ ଓ ଡେରିରେ ବୁଣିବା ଦ୍ୱାରା ଧଳାଂଆଛି ଓ ଏହା ଦ୍ୱାର ହେଉଥିବା ପତ୍ରମୋଡା ରୋଗରୁ ଫସଲକୁ ବନ୍ଚାଇବା କଷ୍ଟକର.

୫) ଘାସ ବାଛିବା: ମୁଖ୍ୟତ ଜୁଲାଇ ମାସରେ ଚାଷଜମିକୁ ଓ ଚାଷ ଜମିର ସୀମା ପରବର୍ତ୍ତୀ ଅନ୍ଚଳକୁ ଘାସ ମୁକ୍ତ ରଖନ୍ତୁ.

୬) ଜମିର ସୀମାନ୍ତରରେ ୨ ଧାଡି ଜୱାର କିମ୍ଵା ବାଜରା ଜାତୀୟ ଫସଲ ଲଗାନ୍ତୁ.

୭) ଉପଯୁକ୍ତ ପରିମାଣର ୟୁରିଆ ସାର ବ୍ୟବହାର କରନ୍ତୁ: ଆବଶ୍ୟକ ଅନୁସାରେ ୟୁରିଆ ସାର ବ୍ୟବହାର କରନ୍ତୁ ,କଢ ହେବା ସମୟରେ ଅତ୍ୟଧିକ ୟୁରିଆ ବ୍ୟବହାର କରିବା ଦ୍ୱାରା ଶୋଷକ ପୋକ ଯଥା ଧଳାମାଛିଓ ପତ୍ରଖିଆ ପୋକର ପ୍ରାଦୁର୍ଭାବ ବଢିଥାଏ.ସମାନ ଅନୁପାତରେ ଯବକ୍ଷାରଜାନ, ଫସଫରସ, ଓ ପ୍ଟାସ ସାର ଫସଲ କୁ ଯୋଗାଏବା ଦ୍ୱାର ଧାଳାମାଛି ଓ ପତ୍ରମୋଡା ରୋଗ କୁ କେତେକ ପରିମାଣରେ ରୋକାଯାଏପାରିବ. ବୁଣିବା ସମୟରେ ମୁଳସାର,ଫୁଲଓ କଢ ଧରିବା ସମୟରେ ଶୀର୍ଷ ସାର ଯୋଗାଇବା ଦ୍ୱାର ଉପଯୁକ୍ତ ଅମଳ ଓ ପୋକ ପରିଚାଳନାରେ ସହାଅୟକ ହୋଇଥାଏ.

୮) ଉପକାରୀ କୀଟ କୁ ସନ୍ରୁହ କରି ରଖନ୍ତୁ: ଅନାବଶ୍ୟକ ହିସାବରେ କୀଟନାଶକ ବ୍ୟବହାର ଦ୍ୱାର ପରିବେଶରେ ଥିବା ଉପକାରୀ କୀଟ ଗୁଡିକ ନଷ୍ଟ ହୋଇଯାଆନ୍ତି.ତେଣୁ ଉପଯୁତ ଯତ୍ନର ସହିତ ପର୍ଯ୍ୟାବରନବା ପରିବେଶର ସନ୍ତୁଳନ ବଜାୟ ରଖି ଉପକାରୀ କୀଟଗୁଡିକୁ ସନଗ୍ରକ୍ଷିତ କରନ୍ତୁ.

ପରୀକ୍ଷାମୁଳକ ତଥ୍ୟ ଅନୁସାରେ ପରଜୀବୀ କୀଟ ଯଥା ସେରନ୍ଗିୟମ ପର୍ସେସେଟୋସମ (ସିକାର୍ଡ),ଚିଲୋମିନେସ ସେକ୍ସାକ୍ୟୁଲେଟା (ଫେବ୍ରିସେସ), ବ୍ରୋମୋଏଡସ ସୁଟ୍ୟୁରାଲେସ (ଫେବ୍ରିସେସ) ଉତ୍ତର ଭାରତରେ ବହୁଳ ପରିମାଣରେ ଉପସ୍ତିତ ଯାହାକି ଧଳାମାଛି କୁ ନଷ୍ଟ କରିଥାଏ. ଏହାଛଡା ଅନ୍ୟ ୨ ଟି ପରାଜୀବୀ ଖୀଟ କୋକିନେଲ୍ଲା ସେପ୍ଟେମ୍ପୁନ୍କଟାଟା ଓ କ୍ରାଇସୋପର୍ଲା ଜାଷ୍ଟ୍ରୋମି ସିଲ୍ଲେଇ ର ଉପଛିତି ମଧ୍ୟ ଲକ୍ଷଣ କରାଯାଇଛି. ପରଜୀବୀ କୀତ ଯଥା ଏନକର୍ସିଆ ଲୁଟିଆ (ମାସି) ମଧ୍ୟ ଦେଖିବାକୁ ମିଳିଥାଏ.

ପ୍ରାକୃତିକ ଓ ଜୈବିକ ଉପାୟରେ ୬୫% ପର୍ଯ୍ୟନ୍ତ ଧଳାମାଛି ର ପ୍ରଦୁର୍ଭାବ କୁ କମାଯାଇପାରିବ. ଧଳାମାଛି ଯଦି ଧଳାମାଛି ଆର୍ଥିକ ଦହେଲୀ ସୀମା ଅତିକ୍ରମ କଲେ ପ୍ରତିରୋଧ ପ୍ରଣାଳୀ:

୧) ଫସଲ ହେବାର ପ୍ରଥମାବସ୍ଥାରେ ଯଦି ଧଳାମାଛି ଦେଖାଯାଏ ତେବେ ହଳଦିଆ ଅଠାଳିଆ ଯନ୍ତା ଲଗାନ୍ତୁ, ଯାହା ଦ୍ୱାରା ଧଳାମାଛି ର ଆର୍ଥିକ ଦହେଳୀ ସୀମା ଜାଣିବାରେ ସହଝ ହେବ ଓ - ଧଳାମାଛି କୁ ନିୟନ୍ତ୍ରଣ କରିଥାଏ. ହଳଦିଆ ଅଠାଳିଆ ଯନ୍ତା ର ଅନୁକୀକରଣ ( ଆକାର ଓ ଘନତ୍ୱ ହିସାବରେ) ଦ୍ୱାରା ଧଳାମାଛିର ଆର୍ଥିକ ଦହେଳୀ ସୀମା (ପତ୍ର ପ୍ରତି ୪ ଟି ପୁର୍ଣାଙ୍ଗ ପୋକ ) ବିଷୟରେ ଜାଣିବା ସହଜ ହୁଏ. ଭେକ୍ୟୁମ ଯନ୍ତା ଦ୍ୱାର ଫସଲର ପ୍ରଥମାବସ୍ଥାରେ ଧଳାମାଛି କୁ ନିୟନ୍ତ୍ରଣ କରିବାରେ ସହଜ ହୁଏ.

୨) **ଜୈବ କୀଟନାଶକ:** ପ୍ରାକୃତିକ ଉପକାରୀ ପୋକ କୁ ରକ୍ଷା କରିବା ପାଇ ନିମ୍ବ ତେଲ, ଜଡା ତେଲ,କପାମନ୍ଜି ତେଲ,ମାଛ ତେଲ ଓ ସାବୁନ ଗୁଣ୍ଡ କୁ ବ୍ୟବହାରକରିବା ଉଚିତ. ଜୈବ କୀଟନାଶକ ହିସାବରେ ଭର୍ଟିସିଲିୟମ ଲେକାନିକୁ ବ୍ୟବହାର କରନ୍ତୁ. ସିନ୍ଚନ ବେଳେ ଧ୍ୟାନ ରଖନ୍ତୁ ଯେମିତି କୀଟନାଶକ ପତ୍ର ତଳ ପାଖକୁ ଯାଏ ଧଳାମାଛିର ଅଣ୍ଡା କୋଷ ଗିଡିକୁ ନଷ୍ଟ କରିପାରିବ.

୩) **ରସାୟନିକ କୀଟନାଶକ:** ଧଳାମାଛିର ଉପଯୁକ୍ତ ପ[ଅରିଚାଳନା ନିମନ୍ତେ କୀଟ ବୃଦ୍ଧି ହ୍ରାସକ ରସାୟନିକ କୀଟନାଶକ ବ୍ୟବହାର କରନ୍ତୁ. ଏହା କପାଫସଲ ର ଉପକାରୀ କୀଟ କୁ କୌଣସି ପ୍ରକାର କ୍ଷତି କରି ନଥାଏ. ଧଳାମାଛି ର ନିୟନ୍ତ୍ରଣ ପାଇ ନିମ୍ନଲିଖିତ କେତୋଟି କୀଟନାଶକ:

୧) ପାଇରିପ୍ରୋକ୍ସିଫେନ: ପୋକ ର ତରୁଣ ଅବସ୍ଥାରେ ପ୍ରସ୍ତୁତ ହେଉଥିବା ହର୍ମୋନ ପ୍ରସ୍ତୁତି ରେ ବଧା ଦିଏ.

୨) ବୁ୍ୟପ୍ରୋଫେଜିନ: ପ୍ରାନୀ କୋଷ ର ଏକ ମୁଖ୍ୟ ଉପାଦାନ ଖାଇଟିନ ନାମକ ପଦାର୍ଥ ପ୍ରସ୍ତୁତି  କୁ ରୋକିଥାଏ.

୩)ଡାଇଫେନ୍ଥିୟୁରନ: ଅକ୍ସିଡେଟିଭ ଫସ୍ଫୋରିଲେସନ କୁ ରୋକିଥାଏ

୪) ସ୍ପାଇରୋମେସିଫିନ: ଲିପିଡ ପ୍ରସ୍ତୁତି କୁ ରୋକିଥାଏ.

ରସାୟନିକ କୀଟନାଶକ ସିନ୍ଚନ କଲାବେଳେ ଧ୍ୟାନ ଦିଅନ୍ତୁ ଯେ ଏହା ଯେମିତି ପତ୍ର ର ତଳ ପାଖକୁ ଯାଇ ଧଳାମାଛି କୁ ନଷ୍ଟ କରିବ.

## ପାଟଳ ବକାରାବିନ୍ଧା ପୋକର ପରିଚାଳନା:

- ବିଶ୍ୱସ୍ଥ ସୂତ୍ରରୁ ବିହନ କିଣନ୍ତୁ.
- ଶୀଘ୍ର ଅମଳ ହେଉଥିବା କିସମ (୧୫୦ ରୁ ୧୬୦ ଦିନ) ବା ଶିଷକ ପୋକ ପ୍ରତି ପ୍ରତିରୋଧି କ୍ଷମତା ଥିବା ବି.ଟି. କିସମ: ବୃଷ୍ଟି ପୃଷ୍ଟ ଅନ୍ଚଳରେ ହାଲୁକା ମାଟିରେ ଏହି କିସମକୁ ୯୦*୩୦ ସେ.ମି. ବ୍ୟବଧାନ ରେ ଲଗାନ୍ତୁ.
- ମଧ୍ୟମ କାଳ (୧୮୦ ଦିନରୁ କମ) ବା ଶୋଷକ ପୋକ ପ୍ରତିରୋଧି ସନ୍କର ଜାତୀୟ ବି.ଟି. କିସମ: କୃଷ୍ଣ କର୍ପାସ ମୃତ୍ତିକାରେ କିମ୍ବା ମଧ୍ୟମ ରୁ ଗଭୀର ପଟୁ ମାଟିରେ ଯେଉଠାରେ ଜଳସେଚନର ସୁବିଧା ଥିବ  ସେହି ଜାଗାରେ ଏହି କିସମକୁ ୧୨୦*୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ.
- ବି.ଟି.କପା ଚାରିପଟେ ଅଣ ବି.ଟି ଚାଷ: ବି.ଟି.କପା ଚାରିପଟେ ଅଣ ବି.ଟି ଚାଷ:ବି.ଟି କପା ବିହନ କମ୍ପାନୀ ଗୁଡିକ ଚାଷୀ ମାନକୁ ବି.ଟି କପା ବିହନ ସନ୍ଗେ ଅଣ ବି.ଟି ବିହନ ଯୋଗାଇବା ଉଚିତ ଯାକି ବି.ଟି କପା ସହିତ ଏକା ସମୟରେ ଫୁଲ ଓ ଫଳ ଧରୁଥିବ. କପା ଫସଲ ପାଖରେ ଭେଣ୍ଡି କୁ ଏପରି ଲଗାନ୍ତୁ ଯେମିତି କି ଭେଣ୍ଡି ଅକ୍ଟୋବର ରୁ ନଭେମ୍ବର ମାସରେ ଫଳ ଧରିବା ସନ୍ଗେ ବହୁଳ ପରିମାଣରେ କପାରେ ଦେଖାଯାଉଥିବା ପାଟଳ ବକରାବିନ୍ଧା ପୋକକୁ ଆକୃଷ୍ଟ କରିବ.

- ସମୟାନୁସାରେ ବୁଣିବା କାମ ସାରନ୍ତୁ: ସଧାରଣତ ଦକ୍ଷିଣ ଓ ମଧ୍ୟ ଭାରତରେ ପାଟଳ ବକରାବିନ୍ଧା ପୋକ ଅକ୍ଟୋବର ମାସ ପରେ ଦେଖାଯାଇଥାଏ.ଉଚିତ ସମରେ ବୁଣିବା କର୍ଯ୍ୟ ସାରିଲେ ପାଟଲ ବକରାବିନ୍ଧା ପୋକ ଦାଉରୁ ରକ୍ଷା ପାଇପାରିବେ
- ଫେରୋମୋନ ଯନ୍ତା: ଅକ୍ଟୋବର ୨ୟ ସପ୍ତାହ ରୁ ପାଟଳ ବକରାବିନ୍ଧା ପୋକର ନିରୀକ୍ଷଣ ପାଇ ହେକ୍ଟର ପ୍ରତି ୪ ରୁ ୫ ଟି ଫେରୋମୋନ ଯନ୍ତା ଲଗାନ୍ତୁ. ପାଟଳ ବକରାବିନ୍ଧା ପୋକର ପ୍ରଜାପତି କୁ ପ୍ରତି ୩ ଦିନରେ ଲକ୍ଷଣ କରନ୍ତୁ. ୩ ଦିନରେ ୨ ଟି ଟ୍ରାପ ରେ ଟ୍ରାପ ପ୍ରତି ୨୪ ରୁ ଅଧିକ ପ୍ରଜାପତି ଦେଖାଦେଲେ ଟ୍ରାଇକୋଗାମା ବ୍ୟାକ୍ଟେରିଆ କିମ୍ବା ବ୍ରାକନ ହେବାଟର ଜମିରେ ଛାଡନ୍ତୁ.
- ଅଧିକ ପରିମାଣରେ ୟୁରିଆ ବ୍ୟବହାର କରନ୍ତୁ ନାହି: ୪୫ ଦିନପୁର୍ବରୁ ଯବକ୍ଷାରଜାନ ଓ ପଟାସ କୁ ତିନି ସମାନ ଭାଗରେ ବୁଣିବା ପରେ, ୬୦ ଦିନରେ ଓ ୯୦ ଦିନରେ କିମ୍ବା ଫସଲ ବିଣିବାର ୩୦ ଦିନ, ୬୦ ଦିନ ଓ ୯୦ ଦିନରେ ଗଛରୁ ୮-୧୦ସେ.ମି. ଦୁରତାରେ ପ୍ରୟୋଗ କରନ୍ତୁ. ଫସଫରସ କୁ ମୌଳିକ ସାର ହିସାବରେ ବୁଣିବା ସମୟେରେ ପ୍ରୟୋଗ କରନ୍ତୁ.
- ଫସଲର ପ୍ରାଥମାବସ୍ଥାରେ କୌଣସି କୀଟନାଶକ ପ୍ରୟୋଗ କରନ୍ତୁ ନାହି: ସମନ୍ଵିତ ପୋକ ପରିଚାଳନା କିମ୍ବା ନିୟନ୍ତ୍ରଣ ପ୍ରଣାଳୀ ଅନୁସରଣ କରନ୍ତୁ. ନିମ୍ବ ଜାତୀୟ ଔଷଧ କିମ୍ବା ଉଦ୍ଭିଦ ବିଗ୍ୟାସ ଜାତୀୟ କିମ୍ବା ଜୈବ କୀଟନାଶକ କିମ୍ବା ଜୈବିକ

ପଦ୍ଧତିରେ ନିୟନ୍ତ୍ରଣ ହେଉଥିବା କୀଟନାଶକ ପ୍ରଥମ ୩ ମାସରେ ପ୍ରୟୋଗ କରାଯିବା ଦ୍ୱାରା ଉପକାରୀ କୀଟ ନଷ୍ଟ ହୁଏ ନାହି ଓ ଫସଲ ର ପ୍ରଥମାବସ୍ଥାରେ ଦେଖାଯାଉଥିବା କୀଟ ଦମନ ରେ ସହୟକ ହୁଏ. ରସାୟନିକ କୀଟନାଶକ କୁ ଯଥାସମ୍ଭବ କମ ପରିମାଣରେ ବ୍ୟବହାର କରନ୍ତୁ.

- ପ୍ରଥମ ୩ ମାସରେ କୌଣସି ପ୍ରକାର କୀଟନାଶକ ପ୍ରୟୋଗ କରନ୍ତୁ ନାହି: ଏହା ଦ୍ୱାରା ଫସଲର , ଫୁଲ ଧରିବାରେ ଓ କପା ର ପୁର୍ଣାଙ୍ଗ ଅବସ୍ଥା ରେ ବାଧାପ୍ରାପ୍ତ ହୋଇଥାଏ.
- ପ୍ରଥମ ୩ ମାସରେ କୌଣସି ପ୍ରକାର କୀଟନାଶକ ପ୍ରୟୋଗ କରନ୍ତୁ ନାହି ଏହା ଦ୍ୱାରା ଫସଲର , ଫୁଲ ଧରିବାରେ ଓ କପା ର ପୁର୍ଣାଙ୍ଗ ଅବସ୍ଥା ରେ ବାଧାପ୍ରାପ୍ତ ହୋଇଥାଏ.
- ଫସଲ ଅବଧି ବଢାଉଥିବା କୀଟନାଶକ ପ୍ରୟୋଗ କରନ୍ତୁ ନାହି: ଶୋଷକପୋକ ପ୍ରତିରୋଧି କିସମ ବା ସଙ୍କର କିସମ ଚୟନ କରନ୍ତୁ . ଶୋଷକପୋକ ପ୍ରତିରୋଧି ସଙ୍କର କିସମ ଚାଷ କରିବା ଦ୍ୱାରା ଫସଲର ପ୍ରଥମାବସ୍ଥାରେ କୌଣସି କୀଟନାଶକ ସିଞ୍ଚନ କରିବାକୁ ପଡି ନ ଥାଏ.
- ଫସଲ ପ୍ରଥମାବସ୍ଥାରେ ନିଓନିକୋଟିନୋଏଡ ଓ ଅର୍ଗାନୋଫସ୍ଫେଟ ଜାତୀୟ କୀଟନାଶକ ଯଥା ମୋନୋକ୍ରୋଟୋଫସ ଓ ଏସିଫେଟ ସିଞ୍ଚନ କରିବା ଦ୍ୱାରା କପା ଫସଲର ଉପକରୀ କ୍ରୀଟ ନଷ୍ଟ ହେବା ସଙ୍ଗେ ଫସଲରେ ସବୁଜ ପତ୍ର କଅଳିବା , କଢ ଓ ଫୁଲ ଧରିବା ରେ ଡେରି ହେବା ସଙ୍ଗେ ଫସଲର ପୁର୍ଣାଙ୍ଗ ଅବସ୍ଥା ବ୍ୟାହତ ହୋଇଥାଏ . ଏହି କୀଟନାଶକ ପ୍ରୟୋଗ ନ କରିବା ଦ୍ୱାରା ଉଚିତ ସମୟରେ ଫଳ ଧରିବା ଓ ଫଳ ଫାଟିବା ହୁଏ ଓ କପା ଅମଳ ଯଥା ସମୟରେ ହୋଇଥାଏ ଓ ପାଟଳ ବକରାବିନ୍ଧା ପୋକ ର ପ୍ରାଦୁର୍ଭାବ ରୁ ରକ୍ଷା ପାଇ ପାରିବେ.
- ମିଶ୍ରିତ କୀଟନାଶକବ୍ୟବହାର କରନ୍ତୁ ନାହି: ମିଶ୍ରିତ କୀଟନାଶକ ପରିବେଶ ଓ ପର୍ଯ୍ୟାବରଣ ପ୍ରତି ହାନିକାରକ ଅଟେ. ଏହା ର ପ୍ରୟୋଗ ଦ୍ୱାରା ବକରାବିନ୍ଧା ପୋକ ର ଉପକାରୀ କୀଟ ଯାହା ଫସଲର ପ୍ରାରମ୍ଭିକ ଅବସ୍ଥାରେ ଦେଖାଯାଏ ସେଗୁଡିକ ନଷ୍ଟ ହୋଇଯାଆନ୍ତି.
- ପୋକ ସଙ୍ଖ୍ୟା ଆର୍ଥିକ ଦହେଳୀ ସୀମା ଅତିକ୍ରମ କଲେ ହି ରସାୟନିକ କୀଟନାଶକ ବ୍ୟବହାର କରନ୍ତୁ: ମଧ୍ୟମ ବା ଶୀଘ୍ର ଅମଳ ହେଉଥିବା କିସମ ଯଦି ଯଥା ସମୟରେ ବୁଣାଯାଏ ଓ ଦେସେମ୍ବର ପୁର୍ବରୁ ଏହାକୁ ଅଂଅଳ କରାଯାଏ ତେବେ ପାଟଳ ବକରାବିନ୍ଧା ପୋକର ପ୍ରାଦୁର୍ଭାବ କମାଯାଇ ପାରିବ.ଡେରିରେ ଅମଳ ହେଉଥିବା କିସମରେ ଅକ୍ଟୋବର ରୁ ନଭେମ୍ବର ମାସ ଭିତରେ ଗୋଟିଏ ଥର ପାଇ କ୍ଲୋରୋପାଇରିଫସ କିମ୍ବା କ୍ୱିନାଲଫସ କିମ୍ବା ଥାୟୋଡିକାର୍ବ କୁ ସିଞ୍ଚନ କରିବା ଆବଶ୍ୟକ.ପାଟଳ ବକରାବିନ୍ଧା ପୋକ ଯଦି ଆର୍ଥିକ ଦହେଳୀ ସୀମା ଅତିକ୍ରମ କରେ ତା ହେଲେ ଫେନଭାରିଲେଟ ବାସାଇପରମେଥ୍ରିନ କୁ ଡିସେମ୍ବର ମାସରେ ପ୍ରୟୋଗ କରନ୍ତୁ. ଅକ୍ଟୋବର ରୁ ଡିସେମ୍ବର ମାସ ଭିତରେ ପାଟଳ ବକରାବିନ୍ଧା ପୋକରା ନିରୀକ୍ଷଣ ପାଇ ୨୦ ଟି ସବୁଜ ବକରା କୁ ସଙ୍ଗ୍ରହ କରି କାଟି ଦେଖନ୍ତୁ ନଚେତ ଏହା ପାଟଳ ବକରାବିନ୍ଧା ପୋକ ଦ୍ୱାରା ଆକ୍ରାନ୍ତ ହୋଇଛି ନା ନାହି. ପାଟଳ ବକରାବିନ୍ଧା ପୋକ ର ଆର୍ଥିକ ଦହେଳୀ ସୀମା ହେଉଛି ୧୦% ଆକ୍ରାନ୍ତ ବକରା ଭିତରେ ଗୋଟିଏ ଜୀବନ୍ତ ଶୁକ କିମ୍ବା ୨ ଟି ଫେରୋମୋନ ଯନ୍ତାରେ ଟ୍ରାପ ପ୍ରତି ୮ ଟି ପ୍ରଜାପତି କ୍ରମାଗତ ପ୍ରତି ୩ ଟି ରାତି. ଯଦି ପାଟଳ ବକରାବିନ୍ଧା ପୋକ ଆର୍ଥିକ ଦହେଳୀ ସୀମା ଅତିକ୍ରମ କରେ ତା ହେଲେ ଅନୁମୋଦିତ କୀଟନାଶକ ସିଞ୍ଚନ କରନ୍ତୁ.ଯଦି ଗଛ ପ୍ରତି ୮ ରୁ ୧୦ ଟି ସବୁଜ ବକରା ଥାଏ ଜଳ ସେଚନ ର ସୁବିଧା ଥାଏ ତେବେ ଡିସେମ୍ବର ମାସରେ ମଧ୍ୟ ପାଟଳ ବକରାବିନ୍ଧା ପୋକକୁ ନିୟନ୍ତ୍ରଣ କରିବା ପାଇ କୀଟନାଶକ ପ୍ରୟୋଗ

କରାଯାଇପାରିବ. ସମ୍ପୂର୍ଣ ଫାଟିଥିବା ତୁଳା କୁ ଅମଳ କରି ସାରିବା ପରେ ଅବଶିଷ୍ଟ ସବୁଜ ବକରା ଗୁଡିକୁ ପାଟଳ ବକରାବିନ୍ଧା ପୋକ ଅକ୍ରମଣ ରୁ ବନ୍ଚାଇବା ପାଇ କୀଟନାଶକ ସିନ୍ଚନ କରନ୍ତୁ.ବରମ୍ଭାର ପାଇରିଥ୍ରଏଡ କିମ୍ଵା ଫିପ୍ରୋନିଲ କିମ୍ଵା ଏସିଫେଟ ସିନ୍ଚନ କରିବା ଦ୍ଵାରା ଧଳାମାଛି ର ପ୍ରାଦୁର୍ଭାବ ବଢିଥାଏ.

- ଡିସେମ୍ବର ମାସ ସୁଦ୍ଧା କପା ଅମଳ ସାରନ୍ତୁ : କପା ଗଛର ଅବଶିଷ୍ଟାଶ କୁ ନଷ୍ଟ କରି ଦିଅନ୍ତୁ ଓ ଫସଲ ଅବଧି ବଢାନ୍ତୁ ନାହି. ମୁଳୀ ଫସଲ ହିସାବରେ କପାକୁ ଚାଷ କରନ୍ତୁ ନାହି.
- କପା ଫସଲର ଅବଶିଷ୍ଟାଶ ପରିଚାଳନା: ସଧାରଣତ ପାଟଳ ବକରାବିନ୍ଧା ପୋକ ର ଶୁକ ବକରା, ମଞ୍ଜି ଓ କପା ଗଛର ଅବଶିଷ୍ଟାଶ ରେ ରହି ଯାଏ ଓ ବେଳେ ବେଳେ ମାଟି ତଳେ ରହିଯାଏ. ସେଥିପାଇ କପା ଗଛ ର ଅବଶିଷ୍ଟାଶ ପରିଚାଳନା ନିତାନ୍ତ ଆବଶ୍ୟକ.ପାଟଳ ବକରାବିନ୍ଧା ପୋକ ଦ୍ଵାରା ଆକ୍ରାନ୍ତ ବକରା ଓ ମଞ୍ଜି ଗୁଡିକୁ ନଷ୍ଟ କରି ଦିଅନ୍ତୁ ନଚେତ ଆଗାମୀ ପର୍ଯ୍ୟାୟ ରେ ପାଟଳ ବକରା ବିନ୍ଧା ପୋକର ପ୍ରାଦୁର୍ଭାବ ଦେଖାଯିବ.କପା ଗଛର ଅବ୍ଶିଷ୍ଟ ଅଶ୍ମ କୁ କାଟି ମାଟିତଳେ ପୋତି କମ୍ପୋଷ୍ଟ ପ୍ରସ୍ତୁତ କରନ୍ତୁ.
- ଫସଲ ପର୍ଯ୍ୟାୟ : କପା ଫସଲରେ ଦେଖାଯାଉଥିବା ପୋକ ଗୁଡିକର ଜୀବନ ଚକ୍ର ଭାଙ୍ଗିବା ପାଇ ଫସଲ ପର୍ଯ୍ୟାୟ ଆବଶ୍ୟକ.
- ସମୁହ ପୋକ ଧରିବା: କପା ଫସଲରେ ଦେଖାଯାଉଥିବା ପୋକ ଗୁଡିକର ସଙ୍ଖ୍ୟା କମ କରିବା ପାଇ ଫେରୋମୋନ ଯନ୍ତା ଲଗାଇବା ଉଚିତ ଯାହା ଦ୍ଵାରା ବହୁଳ ପରିମାଣରେ ବକରାବିନ୍ଧା ପୋକ ର ପ୍ରଜାପତି କୁ ନିୟନ୍ତ୍ରଣ କରାଯାଇ ପାରିବ.ଅକ୍ଟୋବର ରୁ ଡିସେମ୍ବର ମାସରେ ବା ଫସଲ ଅମଳ ସମୟରେ ଦେଖାଯାଉ ଥିବା ପୋକର ନିୟନ୍ତ୍ରଣ ପାଇ ଆଲୋକ ଯନ୍ତା କୁ କପା ବିକ୍ରୀ ସ୍ଥାନରେ, ଗୋଦାମରେ ଓ ଜିନିଙ୍ଗ ମିଲ ଗୁଡିକରେ ସ୍ଥାପନ କରିବା ଦ୍ଵାରା ବହୁଳ ପରିମାଣରେ ପୋକ ସଙ୍ଖ୍ୟା କମାଯାଇ ପାରିବ.

**(କପା ଫସଲ ବିଷୟରେ ଉପରୋକ୍ତ ସୁଚନା ଆଇ.ସି.ଏ.ଆର- ସି.ଆଇ.ସି.ଆର ରେ କରାଯାଇଥିବା ପରୀକ୍ଷା ମୁଳକ ଗବେଷଣାର ଫଳସ୍ଵରୁପ).**

**ଲେଖକ: କେ.ଆର.କ୍ରାନ୍ତି, ନିର୍ଦ୍ଦେଶକ, ସି.ଆଇ.ସି.ଆର.ନାଗପୁର.**

ସମାପ୍ତ